# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 April - 2024

********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ନବବର୍ଷ ଅବସରରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଜଣାଇଲେ ଶୁଭେଚ୍ଛା ଓ ଅଭିନନ୍ଦନ
- ଲୋକସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦୨ଟି ସଂସଦୀୟ କ୍ଷେତ୍ରର ୧ ହଜାର ୬୨୫ ଜଣ ପ୍ରାର୍ଥୀଙ୍କ ନାମାଙ୍କନ କାଏମ
- ସମ୍ବଲପୁର ଜିଲ୍ଲାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ମିଳିଲାନି ଅନୁମତି
- ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଆସନ୍ତାକାଲି ହେବ ବନକଲାଗି ନୀତି

ଏବଂ

- ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହର ସମ୍ଭାବନା ଥିବାରୁ ଶନିବାରଠାରୁ ବୃଦ୍ଧି ପାଇବ ତାପମାତ୍ରା

# ନବବର୍ଷରେ ରାଷ୍ଟ୍ରପତିଙ୍କ ଅଭିନନ୍ଦନ

ଭାରତୀୟ ନବବର୍ଷ ଚୈତ୍ର ଶୁକ୍ଲାଦି, ଉଗାଡ଼ି, ଗୁଡ଼ି ପଡ଼ୱା, ଚୈତି ଚାନ୍ଦ୍, ନବରେ ଏବଂ ସାଜିବୁ ଚେରାଓ୍ୱବା ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ଭାରତୀୟ ନବବର୍ଷ ଏବଂ ଋତୁରାଜ ବସନ୍ତକୁ ଏହି ସବୁ ଉତ୍ସବ ମାଧ୍ୟମରେ ସ୍ୱାଗତ କରାଯାଇଥାଏ। ଦେଶରେ ପାଳନ ହେଉଥିବା ଏହି ସବୁ ଭିନ୍ନ ଭିନ୍ନ ଉତ୍ସବ ଶାନ୍ତି, ମୈତ୍ରୀ ଓ ସହିଷ୍ଣୁତାର ବାର୍ତ୍ତା ଦେଇଥାଏ। ଭାରତର ମହାନ ସଂସ୍କୃତି ଓ ପରମ୍ପରାର ପ୍ରତୀକ ଭାବେ ପାଳନ କରାଯାଉଥିବା ଏହି ଉତ୍ସବ ଗୁଡ଼ିକରେ ଲୋକମାନେ ପ୍ରକୃତିର ଉପାସନା କରିଥାନ୍ତି ବୋଲି ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ନବବର୍ଷ ଉପଲକ୍ଷେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ବାର୍ତ୍ତାରେ କହିଛନ୍ତି, ଦେଶର କୋଣ ଅନୁକୋଣରେ ପାଳନ କରାଯାଉଥିବା ଏହି ପାରମ୍ପରିକ ଉତ୍ସବଗୁଡ଼ିକ ଆନନ୍ଦ ଆଣିବା ସହ ଲୋକମାନଙ୍କ ମଧ୍ୟରେ ମନରେ ଶାନ୍ତି, ମୈତ୍ରୀ ଏବଂ ଏକତାର ଭାବ ସୃଷ୍ଟି କରିଥାଏ।

ରାଜ୍ୟପାଳ ରଘୁବର ଦାସ ତାଙ୍କ ବାର୍ତ୍ତାରେ କହିଛନ୍ତି, 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟାହା'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ନବବର୍ଷ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ଆରୋଗ୍ୟରେ ପରିପୂର୍ଣ୍ଣ ହେଉ ବୋଲି ସେ କାମନା କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ଲୋକମାନଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ନବବର୍ଷ ସମସ୍ତଙ୍କ ପାଇଁ ପ୍ରଗତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଆଣିଦେଉ ବୋଲି କାମନା କରିଛନ୍ତି।

## ଲୋକସଭା ନିର୍ବାଚନ

ଚଳିତ ଲୋକସଭାର କାର୍ଯ୍ୟକାଳ ଆସନ୍ତା ଜୁନ୍ ୧୬ ତାରିଖରେ ଶେଷ ହେଉଛି। ବର୍ତ୍ତମାନ ନିର୍ବାଚନ ପ୍ରକ୍ରିୟା ଚାଲିଛି ଏବଂ ଚଳିତ ମାସ ୧୯ ତାରିଖରୁ ୭ଟି ପର୍ଯ୍ୟାୟରେ ଜୁନ୍ ମାସ ୧ ତାରିଖ ପର୍ଯ୍ୟନ୍ତ ଭୋଟ୍ ନିଆଯିବ। ଜୁନ୍ ୪ ତାରିଖରେ ଭୋଟ୍‌ଗଣତି ହେବାପରେ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ବିଜୟୀ ସାଂସଦଙ୍କର ତାଲିକା ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ। ଏହାର ଆଧାରରେ ରାଷ୍ଟ୍ରପତି ୧୮ତମ ଲୋକସଭା ଗଠନ ପାଇଁ ମଞ୍ଜୁରୀ ଦେବେ। ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ୫୪୩ ଲୋକସଭା ଆସନରୁ ୧୩୧ଟି ଆସନ ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ଏଥିମଧ୍ୟରୁ ୮୪ଟି ଆସନ ଅନୁସୂଚିତ ଜାତି ଏବଂ ୪୭ଟି ଆସନ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ସବୁ ଆସନ ଗୁଡ଼ିକରେ ଅନ୍ୟ ପଛୁଆବର୍ଗ ଏବଂ ସାଧାରଣବର୍ଗର ପ୍ରାର୍ଥୀମାନେ ନିର୍ବାଚନ ଲଢ଼ିପାରିବେ ନାହିଁ।

# ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ଲୋକସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦୨ଟି ସଂସଦୀୟ କ୍ଷେତ୍ରରେ ମତଦାନ ହେବ । ଭାରତର ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ପ୍ରଥମ ପର୍ଯ୍ୟାୟରେ ୧ ହଜାର ୬୨୫ ଜଣ ପ୍ରାର୍ଥୀଙ୍କର ନାମାଙ୍କନପତ୍ର କାଏମ ରହିଛି । ଏଥିମଧ୍ୟରେ ୧ ହଜାର ୪୯୧ ଜଣ ପୁରୁଷ ଏବଂ ୧୩୪ ଜଣ ମହିଳା ପ୍ରାର୍ଥୀ ଅଛନ୍ତି । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଚଳିତମାସ ୧୯ ତାରିଖରେ ଅନୁଷ୍ଠିତ ହେବ ।

# ନିଟ୍ ସମୟସୀମା ବୃଦ୍ଧି

ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା-ନିଟ୍‌ର ଆବେଦନ ସମୟ ୨ ଦିନ ବୃଦ୍ଧି କରାଯାଇଛି ବୋଲି ଜାତୀୟ ଟେଷ୍ଟିଂ ଏଜେନ୍ସୀ -ଏନ୍‌ଟିଏ ପକ୍ଷରୁ କୁହାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆଜି ଓ ଆସନ୍ତାକାଲି ଏନ୍‌ଟିଏ ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ । ସୂଚନାଯୋଗ୍ୟ ଚଳିତବର୍ଷ ନିଟ୍ ପରୀକ୍ଷା ଲାଗି ଆବେଦନର ସମୟସୀମା ଗତମାସ ୧୬ ତାରିଖ ଥିଲା । ଛାତ୍ରଛାତ୍ରୀମାନଙ୍କର ଅନୁରୋଧକୁ ରକ୍ଷାକରି ନିଟ୍ ପକ୍ଷରୁ ଏହି ସୁଯୋଗ ଦିଆଯାଇଛି । ସର୍ବଭାରତୀୟ ସ୍ତରରେ ଚଳିତବର୍ଷ ନିଟ୍ ପରୀକ୍ଷା ପାଇଁ ୨୩ ଲକ୍ଷ ୮୧ ହଜାର ୮୨୨ ଜଣ ବିଦ୍ୟାର୍ଥୀ ଆବେଦନ କରିଛନ୍ତି ।

# ହନୁମାନ ଜୟନ୍ତୀ ପାଳନ ବୈଠକ

ସମ୍ବଲପୁର ଜିଲ୍ଲାପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ହନୁମାନ ଜୟନ୍ତୀ ପାଳନ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅଗ୍ରୱାଲ ଅକ୍ଷୟ ସୁନିଲ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଏସ୍.ପି ମୁକେଶ ଭାମୁଙ୍କ ସମେତ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କ ମତ ଲୋଡାଯାଇଥିଲା । ଚଳିତ ବର୍ଷ ହନୁମାନ ଜୟନ୍ତୀ ଶୋଭାଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

***HS***

# ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରୀଜିଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଚୈତ୍ର ଶୁକ୍ଳ ଦ୍ୱିତୀୟା ତିଥି ବୁଧବାର ଦିନ ଶ୍ରୀବିଗ୍ରହମାନଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିବ। ଦ୍ୱିତୀୟ ଭୋଗମଣ୍ଡପ ପରେ ଦତ୍ତମହାପାତ୍ର ସେବକମାନେ ଗର୍ଭଗୃହରେ ପ୍ରବେଶ କରିବେ । ଏହାପରେ

ବନକଲାଗି ଗୁପ୍ତ ନୀତି ସମାପନ ହେବ । ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହେବ । ମହାସ୍ନାନ ପରେ ଶ୍ରଦ୍ଧାଳୁମାନେ ପୁଣି ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିପାରିବେ ।

## ତାରାତାରିଣୀ ପୀଠ-ଗଞ୍ଜାମ

**ଗଞ୍ଜାମ** ଜିଲ୍ଲାର ଇଷ୍ଟ ଦେବୀ ମା' ତାରାତାରିଣୀଙ୍କର ପୀଠରେ ଆଜି ତୃତୀୟ ପାଳି ଚୈତ୍ର ମଙ୍ଗଳବାର ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଛି। ମଧ୍ୟରାତ୍ରି ପ୍ରାୟ ସାଢ଼େ ଗୋଟାଏରୁ ମନ୍ଦିର ଦ୍ୱାର ଫିଟାଯାଇ ପରମ୍ପରା ଅନୁଯାୟୀ, ମଙ୍ଗଳ ଆଳତି, ଅବକାଶ, ମାଜଣା, ସିଂଙ୍ଗାର, ଅଭିଷେକ, ନୀତିକାନ୍ତି ସରିବା ପରେ ମାଆ ତାରା-ତାରିଣୀ ଦୁଇ ଭଉଣୀଙ୍କୁ ମା' ମହାସରସ୍ୱତୀ ବେଶରେ ସଜ୍ଜିତ କରାଯାଇଥିଲା। ସକାଳ ସାଢ଼େ ୪ଟାରେ ସାହାଣମେଳା ହେବା ପରେ ମାଆ ତାରା-ତାରିଣୀ ମା' ମହାସରସ୍ୱତୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଚୈତ୍ର ମଙ୍ଗଳବାରରେ ରାଜ୍ୟର ଅନ୍ୟାନ୍ୟ ଦେବୀପୀଠ ଗୁଡ଼ିକରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବାରୁ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ପୁରୀ ରଥ କାଠ- ଗଞ୍ଜାମ

ଗଞ୍ଜାମ ଜିଲ୍ଲା ଆସିକା ବନାଞ୍ଚଳ ଅନ୍ତର୍ଗତ ଷଡ଼ଙ୍ଗୀପଲ୍ଲୀ ଅଞ୍ଚଳର ରକ୍ତପଟା ଗ୍ରାମ ଜଙ୍ଗଲରେ ପୁରୀ ରଥ ନିର୍ମାଣ ପାଇଁ ୧୧ଟି ଫାଶୀ କାଠ ଚିହ୍ନଟ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ରଥ କାଠ ତତ୍ତ୍ୱାବଧାରକ

ସେବାୟତ ସୁଦର୍ଶନ ମେକାପଙ୍କ ତତ୍ତ୍ୱାବଧାନରେ ଏକ ପ୍ରତିନିଧି ଦଳ ରକ୍ତପଟା ଗ୍ରାମରେ ପହଞ୍ଚି ରଥ କାଠକୁ ଚିହ୍ନଟ କରିଛନ୍ତି।

## ଇଦ୍ ପର୍ବ

ପବିତ୍ର ଇଦ୍ ପର୍ବ ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଦର୍ଶ ଆଚରଣବିଧିକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳାର ସହ ଇଦ୍ ପର୍ବ ପାଳନ କରିବାକୁ ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି।

## ରେକର୍ଡ ସଂଖ୍ୟକ ଗାଡ଼ି ବିକ୍ରି

ଚଳିତ ବର୍ଷ ମାର୍ଚ୍ଚ ମାସରେ ଅଟୋ ଗାଡ଼ି କମ୍ପାନୀଗୁଡ଼ିକ ରେକର୍ଡ ସଂଖ୍ୟକ ଗାଡ଼ି ବିକ୍ରି କରିଛନ୍ତି। ଅଟୋ ମୋବାଇଲ୍ ଫେଡେରେସନ୍‌ର ରିପୋର୍ଟ ଅନୁସାରେ, ମାର୍ଚ୍ଚ ମାସରେ ୨୧ ଲକ୍ଷ ୨୭ ହଜାରରୁ ଅଧିକ ଗାଡ଼ି ବିକ୍ରି ହୋଇଥିଲା। ଏହି ସଂଖ୍ୟା ମଧ୍ୟରୁ ୧୫ ଲକ୍ଷ ୩୦ ହଜାର ଦୁଇ ଚକିଆ ଗାଡ଼ି ବିକ୍ରି ହୋଇଥିବା କୁହାଯାଇଛି। ସୂଚନା ଅନୁସାରେ, ତିନି ଚକିଆ ଗାଡ଼ି ବିକ୍ରିରେ ୧୭ ଦଶମିକ ୧/୩ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଦୁଇ ଚକିଆ ଗାଡ଼ି ବିକ୍ରି ୫ ଦଶମିକ ୪/୪ ପ୍ରତିଶତ

ବୃଦ୍ଧି ପାଇଥିବା ଜଣାପଡ଼ିଛି । ହେଲେ ଘରୋଇ ଯାନ ଶ୍ରେଣୀରେ ଗତ ମାର୍ଚ୍ଚ ମାସରେ ୬ ଦଶମିକ ୧/୭ ପ୍ରତିଶତ ବିକ୍ରି କମି ଥିବା ଜଣାପଡ଼ିଛି ।

## ସୂର୍ଯ୍ୟପରାଗ

ପୂର୍ଣ୍ଣ ସୂର୍ଯ୍ୟପରାଗ ଭାରତରେ ଦୃଶ୍ୟମାନ ହୋଇନଥିଲେ ମଧ୍ୟ ଏହି ଜାଗତିକ ଘଟଣାକୁ ଭାରତୀୟ ମହାକାଶ ବିଜ୍ଞାନ ପ୍ରତିଷ୍ଠାନ -ଇସ୍ରୋ ଏବଂ ଆମେରିକାର ମହାକାଶ ବିଜ୍ଞାନ ପ୍ରତିଷ୍ଠାନ-ନାସା ତଥ୍ୟ ସଂଗ୍ରହ କରିଥିଲେ । ସୂର୍ଯ୍ୟ ଅଭିଯାନରେ ବାହାରିଥିବା ଭାରତର ଆଦିତ୍ୟ ଏଲ୍-ୱାନ୍‌ର ପୂର୍ଣ୍ଣ ସୂର୍ଯ୍ୟପରାଗ ସମୟରେ ସୂର୍ଯ୍ୟର ତାପମାତ୍ରା ଏବଂ ବିକିରଣରେ  କ'ଣ କ'ଣ ପରିବର୍ତ୍ତନ ଘଟୁଛି, ସେ ସଂପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି । ଅନ୍ୟପକ୍ଷରେ ସୂର୍ଯ୍ୟପରାଗ ସମୟରେ ପୃଥିବୀର ଉପରସ୍ତରରେ ଥିବା ବାୟୁମଣ୍ଡଳରେ କ'ଣ ପ୍ରଭାବ ରହୁଛି, ଜୀବଜଗତ ଉପରେ ସୂର୍ଯ୍ୟପରାଗର ପ୍ରଭାବ, ଯୋଗାଯୋଗ ବ୍ୟବସ୍ଥା ଉପରେ ପ୍ରଭାବ ସଂପର୍କରେ ନାସା ପକ୍ଷରୁ ତଥ୍ୟ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି । ସୂର୍ଯ୍ୟ ପରାଗ ପାଇଁ ନାସା ପକ୍ଷରୁ ୩ଟି ରକେଟ ମହାକାଶକୁ ପଠାଯାଇଥିଲା । ସୂଚନାଯୋଗ୍ୟ ଭାରତୀୟ ସମୟ ଗତକାଲି ରାତି ୯ଟା ୧୨ ମିନିଟ୍‌ରୁ ସୂର୍ଯ୍ୟପରାଗ ଆରମ୍ଭ ହୋଇ ମଧ୍ୟରାତ୍ରି ୨ଟା ୨୨ରେ ଶେଷ ହୋଇଥିଲା ।

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି । ହେଲେ ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ପବନ ବହିବାର ସମ୍ଭାବନା ଥିବାରୁ ଆସନ୍ତା ଶନିବାର ଠାରୁ ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷକରି ରାଜ୍ୟର ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୪୦ ଡ଼ିଗ୍ରୀ ପାର କରିବ। ଅନ୍ୟପକ୍ଷରେ କାଳବୈଶାଖୀ ଯୋଗୁଁ ତାପମାତ୍ରା ପ୍ରାୟ ୬ ଡିଗ୍ରୀ ଗତକାଲି କମ୍ ଥିଲା।

*********************************